# भाकृअनुप – राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

(An ISO 9001: 2015 Certified Institute)

## କୃଷି ସୂଚନା ସେବା (ଧାନ)

**୨୦୨୩ ମସିହା ସେପ୍ଟେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ସ୍ୱଳ୍ପ ଖାଲୁଆ ଓ ମଧ୍ୟମ ରୁଆ ଧାନ ଜମିରେ ପିଲ ଆସିବା ସମୟରେ (ରୋଇବାର ୨୦ ରୁ ୨୫ ଦିନ ପରେ) ଅଧିକ ଅମଳକ୍ଷମ କିସମ ପାଇଁଏକର ପିଛା ୩୫ କି.ଗ୍ରା. ୟୁରିଆ ଏବଂ ଶଙ୍କର ଜାତୀୟ କିସମ ପାଇଁଏକର ପ୍ରତି ୪୨ କି.ଗ୍ରା.ୟୁରିଆ ପ୍ରୟୋଗ କରନ୍ତୁ । ସଠିକ୍ ସମୟରେ ରୁଆଯାଇଥିବା ଧାନରେ କେଣ୍ଡା ଧରିବା ଆରମ୍ଭ ଅବସ୍ଥାରେ (ରୋଇବାର ୫୦ ରୁ ୫୫ ଦିନ ପରେ) ଦ୍ୱିତୀୟ ପିଲସାର ଭାବେ ଏକର ପ୍ରତି ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ । କିନ୍ତୁ ବାଲିଆ ମାଟି ଜମିରେ ୧୭.୫ କି.ଗ୍ରା. ୟୁରିଆ ସହିତ ୧୩ କି.ଗ୍ରା. ଏମ୍.ଓ.ପି. ପ୍ରୟୋଗ କରନ୍ତୁ ।
- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁଏକର ପିଛା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଯଦି ଲେଡାପୋକ, ବିରହା ପୋକ କିମ୍ବା ନଳିପୋକ ଦେଖାଯାଏ, ତେବେ ଏକର ପିଛା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. କିମ୍ବା ଫେନ୍‌ଥୋଏଟ୍ ୪୦୦ ମି.ଲି. ୫୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଯଦି ବଙ୍ଗୀପୋକ ଦେଖାଯାଏ, ତେବେ ଏକର ପ୍ରତି ୪୦୦-୬୦୦ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧୦୦ ମି.ଲି. ଲାମ୍ବଡା-ସାଇହାଲୋଥ୍ରିନ୍ ୫% ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କିମ୍ବା କାର୍ବୋଫୁରାନ୍ ୩ ଜି. ୧୦ କି.ଗ୍ରା. ପ୍ରୟୋଗ କରନ୍ତୁ ।
- ମାଟିଆଗୁଣ୍ଡିପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ଚକଡା ପୋକ ଦମନ ପାଇଁ ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।
- ପତ୍ରାଚ୍ଛଦ ପୋଡାରୋଗ ଦମନ କରିବା ପାଇଁ ଏକର ପ୍ରତି ପ୍ରୋପିକୋନାଜୋଲ୍ ୨୫ ଇ.ସି. ୨୦୦ ମି.ଲି. କିମ୍ବା ହେକ୍ସାକୋନାଜଲ ୫ ଇ.ସି. ୪୦୦ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ଏଲ୍ ୪୦୦ ମି.ଲି. କିମ୍ବା ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୮୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଏକର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।
- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ଯବକ୍ଷାରଜାନ ଯୁକ୍ତ ଶୀର୍ଷସାର (ୟୁରିଆ/ଡି.ଏ.ପି.) ପ୍ରୟୋଗ କରନ୍ତୁ ନାହିଁ । ଯଦି ପାଣି ଜମି ରହିଥାଏ ନିଷ୍କାସନ ବ୍ୟବସ୍ଥା କରି ଏକର ପିଛା ୫ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ଏକର ପ୍ରତି ଷ୍ଟ୍ରେପ୍ଟୋମାଇସିନ୍ ସଲଫେଟ୍ (୯%) + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ (୧%) ୧୨୦ ଗ୍ରାମ୍ ସହିତ କପର୍ ଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ମିଶାଇ ସକାଳେ କିମ୍ବା ସନ୍ଧ୍ୟାରେ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ମହିଷାରୋଗ ଦେଖା ଦେଲେ ଏକର ପ୍ରତି ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ ହିସାବରେ ସିଂଚନ କରନ୍ତୁ । ନଚେତ୍ ଏକ ଲିଟର ପାଣିରେ ସତେଜ ବେଲପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ଓ ଭଲଭାବେ ଛାଣି ସିଂଚନ କରନ୍ତୁ । ନତୁବା ଜୈବିକ ଉପଚାର ଭାବେ ଏକର ପ୍ରତି ଟ୍ରାଇକୋଡର୍ମା ଭିରିଡି(ଅନ୍ୟୁନ ୧୦$^{8}$ ସି.ଏଫ୍.ୟୁ) ୨ କି.ଗ୍ରା. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ବୁଣାଧାନରେ ପତ୍ରଚିତା ରୋଗ ଦେଖାଦେଲେ ଏକର ପ୍ରତି ୨୦୦ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା କିମ୍ବା ଏକର ପ୍ରତି ୩୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% + ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି. ଭଲ ଭାବେ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ଉଚ୍ଚା ଜମିରେ ବୁଣା ଧାନରେ ଧାନ ପାଚି ଆସିବା ସମୟରେ ବୁଦାପ୍ରତି ୨ ଟି ବା ପ୍ରତି ବର୍ଗମିଟରରେ ୫ଟି ଗନ୍ଧିପୋକ ଦେଖାଦେଲେ, କୀଟନାଶକ ପାଉଡର ମାଲାଥିଅନ୍ ୫% ଏକର ପିଛା ୧୦ କେ.ଜି. କିମ୍ବା ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. ଏକର ପିଛା ୨୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦% ଇ.ସି. ଏକର ପିଛା ୧୦୦୦ ମି.ଲି. ସିଂଚନ କରି ଗନ୍ଧିପୋକ ଦମନ କରନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।
- କମ୍ ଆର୍ଦ୍ରତା ବା ସୁଖା ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରିବ ନାହିଁ, ଉଚ୍ଚ ଓ ମଧ୍ୟମ ଜମିରେ ଚାଷୀଭାଇମାନେ କୋଶଳା ଶାଗ, ମାଂଡିଆ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ପୂର୍ବ ରବି ଫସଲ ହିସାବରେ କରିପାରିବେ ।

**ଲଘୁଚାପ ଜନିତ ଅତ୍ୟଧିକ ବର୍ଷା ହୋଇଥିବା ଧାନଫସଲ ଅଂଚଳରେ ଉପୁଜିଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଜରୁରୀକାଳୀନ କୃଷି ପରାମର୍ଶ**

ବର୍ତ୍ତମାନ ପରିସ୍ଥିତିରେ ଲଗାତର ଏବଂ ଅତ୍ୟଧିକ ବର୍ଷା ହେତୁ ଅଧିକାଂଶ ଧାନଫସଲ ଜମି ସଂପୂର୍ଣ୍ଣ କିମ୍ବା ଆଂଶିକ ଜଳମଗ୍ନ ହୋଇଯାଇଛି । ଏପରି ବିଶେଷ ପରିସ୍ଥିତିରେ ଚାଷୀଭାଇମାନେ ନିମ୍ନପ୍ରଦତ ପ୍ରଣାଳୀ ଅନୁସରଣ କରିବାକୁ ପରାମର୍ଶ ଦିଆଯାଉଛି

- ସୁବିଧା ଅନୁଯାୟୀ ଧାନଚାଷ ଜମିରୁ ଅତ୍ୟାଧିକ ଜଳ ନିଷ୍କାସନ କରିନିଅନ୍ତୁ ।
- ନିମ୍ନ ଚାପ ସୃଷ୍ଟି ହେତୁ କିଛି ଜିଲ୍ଲା (ଯଥା ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଜୟପୁର, କଟକ, ଗଞ୍ଜାମ, ଜଗତସଂହପୁର, କେନ୍ଦ୍ରାପଡା, ପୁରୀ, ନୟାଗଡ, ଖୋର୍ଦ୍ଧା, ମାଲାକାନଗିରି ଏବଂ କୋରାପୁଟ) ଆଗାମୀ ଦିନରେ ପ୍ରବଳ ବର୍ଷା ହୋଇପାରେ । ଏହି ସମୟରେ ଯେକୌଣସି ପ୍ରକାର ସ୍ପ୍ରେ କାର୍ଯ୍ୟକଳାପ ବନ୍ଦ ରଖି ଘାସ ବଛା କାମ ଏବଂ ଅନ୍ୟ ମଧ୍ୟବର୍ତ୍ତୀକାଳୀନ କୃଷି କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ । ଧାନ ଫସଲ ପାଇଁ ଯବକ୍ଷାରଜାନ ସାରକୁ ଶୀର୍ଷ ସାର ଭାବେ ପ୍ରୟୋଗ କରନ୍ତୁ । ୩ ରୁ ୪ ସେ.ମି. ଜଳସ୍ତର ବଜାୟ ରଖିବା ପାଇଁ ବନ୍ଧ ପ୍ରସ୍ତୁତ କରନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଅଧିକ ଜଳ ବାହାର କରନ୍ତୁ ।
- ବିଳମ୍ବିତ ରୁଆ ହେତୁ ଲେଡାପୋକ ଦେଖାଦେଲେ ହେକ୍ଟର ପ୍ରତି ୨ ଲିଟର କିରୋସିନି ସିଂଚନ କରନ୍ତୁ ଏବଂ ରସି ଦ୍ୱାରା ଧାନଗଛ ଗୁଡିକୁ ଭଲଭାବେ ହଲାଇ ଦିଅନ୍ତୁ । ଏହା ସତ୍ତ୍ୱେ ପୋକର ପ୍ରଭାବ ନ କମିଲେ ଏକର ପ୍ରତି ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କିମ୍ବା ୨୦୦ ମି.ଲି. ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. କିମ୍ବା ୮୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ପ୍ରୟୋଗ କରନ୍ତୁ ।
- ବର୍ତ୍ତମାନର ପରିସ୍ଥିତି ଯେପରିକି ମେଘୁଆ ଆକାଶ, ଅତ୍ୟଧିକ ଆର୍ଦ୍ରତା, ଲଗାଣ ବର୍ଷା ସହିତ ଦିନରେ ଉଚ୍ଚ ଏବଂ ରାତିରେ ନିମ୍ନ ତାପମାତ୍ରା ଇତ୍ୟାଦି ପରିସ୍ଥିତିରେ ବିଭିନ୍ନ ରୋଗ ଯଥା ପତ୍ରପୋଡା, ପତ୍ରାଗାର ଏବଂ ମହିଷାରୋଗ ଦେଖାଯାଆନ୍ତି । ଏପରି ସ୍ଥିତି ଉପୁଜିଲେ ପତ୍ରପୋଡା ଏବଂ ପତ୍ରାଗାର ରୋଗ ପାଇଁ ୧୦୦ ଗ୍ରାମ୍ ପ୍ଲାଂଟୋମାଇସିନ୍ ସହିତ ୨୦୦ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ମହିଷା ରୋଗ ଦେଖାଦେଲେ ଏକର ପ୍ରତି ୮୦ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) କିମ୍ବା ଏକର ପ୍ରତି ୧୦୦ ମି.ଲି. ଏଡିଫେନ୍‌ଫସ୍ ୫୦ ଇ.ସି. କିମ୍ବା ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ପ୍ରୟୋଗ କରନ୍ତୁ ।

*****